# ଧନୁଯାତ୍ରା ମହୋତ୍ସବ

## ବରଗଡ଼

ଆୟୋଜକ :

**ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼**

ODISHA
INDIA'S BEST KEPT SECRET

# ଧନୁଯାତ୍ରାର ଐତିହାସିକ ପୃଷ୍ଠଭୂମି

ଧନୁଯାତ୍ରାର ଉତ୍ପତ୍ତି ଏକ ସାମଗ୍ରିକ ଚେତନାରୁ ଉଦ୍‌ବୁଦ୍ଧ ଏବଂ ପରିପୃଷ୍ଟ । ଏହି ମହୋତ୍ସବର ମୂଳ ଧାରା ସମୟ ସହ ସାଧାରଣ ଲୋକମାନଙ୍କ ସାହାଯ୍ୟ ତଥା ସ୍ୱତଃସ୍ଫୂର୍ତ୍ତ ଚେଷ୍ଟାରେ ବିକଶିତ ହୋଇଛି । ଭାରତବର୍ଷର ସ୍ୱାଧୀନତା ପ୍ରାପ୍ତିକୁ ଉତ୍ସବ ରୂପ ଦେବା ପାଇଁ ଏହି ଉତ୍ସବ ଆରମ୍ଭ ହୋଇ ସ୍ୱାଧୀନ ଭାରତର ଏକତା ଏବଂ ସାଂସ୍କୃତିକ ବିଭବକୁ ପରିପୁଷ୍ଟ କରି ଆସୁଛି ।

ପ୍ରତିବର୍ଷ ପୌଷ ଶୁକ୍ଳ ପଞ୍ଚମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବିରାଟ ଧନୁଯାତ୍ରା ମହୋତ୍ସବ ଏହି ବିକାଶୋନ୍ମୁଖୀ ସହରକୁ ଏକ ଭିନ୍ନ ପରିଚୟ ଦେଇଥାଏ । ବିଶ୍ୱର ବୃହତ୍ତ ଖୋଲା ରଂଗମଞ୍ଚ ଭାବରେ ଆଦୃତ ଏହି ଯାତ୍ରା ସାଧାରଣତଃ ଇଂରାଜୀ କ୍ୟାଲେଣ୍ଡର୍‌ର ଡିସେମ୍ବର-ଜାନୁୟାରୀ ମାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ଭାରତର ଅନ୍ୟ କୌଣସି ସ୍ଥାନରେ କ୍ୱଚିତ୍ ଏପରି ଏକ ବିଶାଳ ମହୋତ୍ସବ ପାଳିତ ହେଉଥିବାର ଦେଖାଯାଏ । ଏହି ମହୋତ୍ସବ ପାଳନର ସ୍ଥାନ ଓ ଅବଧି ନିଶ୍ଚିତ ଭାବରେ ଅତୁଳନୀୟ ଅଟେ । ଏହି ମହୋତ୍ସବର ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ସଙ୍ଗୀତ, ନାଟ୍ୟ କଳାର ପରଂପରାକୁ ବଜାୟ ରଖିବାରେ ଅନନ୍ୟ ଅବଦାନ ରହି ଅଛି ।

ପ୍ରାୟ ପନ୍ଦର କିଲୋମିଟର ପରିସୀମା ମଧ୍ୟରେ ଦୀର୍ଘ ଏଗାର ଦିନ ବ୍ୟାପୀ ପାଳିତ ହେଉଥିବା ଏହି ଉତ୍ସବରେ ସମଗ୍ର ବରଗଡ଼ ପୌରାଣିକ ସହର ମଥୁରା ଓ ନିକଟସ୍ଥ ଅମ୍ବାପାଲି ଗ୍ରାମ ଗୋପପୁରରେ ରୂପାନ୍ତରିତ ହୋଇଯାଇଥାନ୍ତି । ଏହି ଉତ୍ସବ ଜନସମୂହର ଭାବପ୍ରବଣତା ଓ ଭକ୍ତିଭାବର ଅପୂର୍ବ ସଙ୍ଗମର ନିଦର୍ଶନ ଅଟେ । "ଧନୁ" ଉପରେ ପର୍ଯ୍ୟବେସିତ ଥିବାରୁ ଏହି ଉତ୍ସବ ଧନୁଯାତ୍ରା ନାମରେ ଅଭିହିତ । ଧନୁ କେବଳ ଯୋଦ୍ଧାର ଅସ୍ତ୍ର ମାତ୍ର ନୁହେଁ ଏହା ବୀର ପୁରୁଷର ଶୌର୍ଯ୍ୟକୁ ମଧ୍ୟ ସୂଚିତ କରିଥାଏ ।

# ଦିନକ୍ରମ କାର୍ଯ୍ୟସୂଚୀ :

## ପ୍ରଥମ ଦିବସ

- ସାଂସ୍କୃତିକ ଶୋଭାଯାତ୍ରା
- ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ ସମାରୋହ
- ଦେବକୀ ଓ ବସୁଦେବଙ୍କ ବିବାହ, କଂସଙ୍କ ସିଂହାସନ ଆରୋହଣ
- ଦେବକୀ ଓ ବସୁଦେବଙ୍କୁ କାରାଗାର ପ୍ରେରଣ



## ଦ୍ୱିତୀୟ ଦିବସ

- ରଙ୍ଗମହଲ ଉଦ୍‌ଘାଟନ
- ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଶ୍ରୀକୃଷ୍ଣଙ୍କ ଜନ୍ମ
- ଶ୍ରୀକୃଷ୍ଣଙ୍କ ଗୋପପୁର ଯାତ୍ରା
- ଦୁର୍ମିଳା ରାକ୍ଷସ ବଧ
- ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁରରେ ପ୍ରବେଶ ।
- ବିଜୁଳିକନ୍ୟା ସହ ମଥୁରାକୁ ପ୍ରତ୍ୟାବର୍ତ୍ତନ ।



## ତୃତୀୟ ଦିବସ

- କଂସଙ୍କ ଶ୍ୟାମେଶ୍ୱର ଦର୍ଶନ
- ରାଜ ଦରବାରରେ କଂସଙ୍କ ମନ୍ତ୍ରଣା
- ଗୋପପୁରରେ ନନ୍ଦ ଦରବାର ଉଦ୍‌ଘାଟନ ଏବଂ ନନ୍ଦୋତ୍ସବ ।
- ବିଜୁଳିକନ୍ୟାଙ୍କୁ ପାଷାଣରେ ପ୍ରହାର, ଦୈବବାଣୀ, ନନ୍ଦୋତ୍ସବ




## ଚତୁର୍ଥ ଦିବସ

- ବାଣାସୁର ପରାଜୟ
- ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁରଙ୍କୁ ଗୋପପୁର ପ୍ରେରଣ
- ପୁତନା, ବକା, ଶକଟା ଏବଂ ଷଣ୍ଢାସୁର ବଧ



## ପଞ୍ଚମ ଦିବସ



- ଜରାସନ୍ଧ ସହିତ ଯୁଦ୍ଧ
- ହେତୀ-ପ୍ରହେତୀଙ୍କ ବିବାହ, ରାକ୍ଷସ-ରାକ୍ଷସୀଙ୍କ ନିଧନ ଖବର ପାଇ କଂସ ମର୍ମାହତ
- କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ

## ଷଷ୍ଠ ଦିବସ



- ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଜନତା ଦରବାର
- ଶଙ୍ଖଚୂଡ଼ଙ୍କୁ ଗୋପପୁର ପ୍ରେରଣ, ଧନୁଯାତ୍ରା ପାଇଁ ନିଷ୍ପତ୍ତି
- ଗୋପପୁରରେ ଗୋପୀଙ୍କ ଦଧିବିକା ଓ ବସ୍ତ୍ରହରଣ

## ସପ୍ତମ ଦିବସ



- ଧନୁଯାତ୍ରାରେ ନାରଦଙ୍କ ପରାମର୍ଶ କ୍ରମେ ଶ୍ରୀକୃଷ୍ଣ-ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ
- ହାଟପଦା ଦୁର୍ଗା ମନ୍ଦିର ଠାରେ ଦୁର୍ଗାସ୍ତୁତି । ରାଧା-କୃଷ୍ଣ ନାବକେଳୀ, ଶଙ୍ଖଚୂଡ଼ ବଧ

## ଅଷ୍ଟମ ଦିବସ



- ଇନ୍ଦ୍ରଙ୍କ ସହିତ ଯୁଦ୍ଧ ଓ ବନ୍ଦୀ
- ଶ୍ରୀକୃଷ୍ଣଙ୍କ ଗିରିଗୋବର୍ଦ୍ଧନ ଧାରଣ
- ଅକ୍ରୂରଙ୍କ ଗୋପପୁର ପ୍ରବେଶ, କୃଷ୍ଣ-ବଳରାମଙ୍କ ସହ ସାକ୍ଷାତ
- ଯମପୁର ଆକ୍ରମଣ
- କଂସଙ୍କ ନଗର ଭ୍ରମଣ

## ନବମ ଦିବସ




- ମୁନି-ଋଷିଙ୍କ ଉପରେ କଂସର ଅତ୍ୟାଚାର, ରୁଦ୍ରଶୂକ ପ୍ରାପ୍ତି
- କୃଷ୍ଣ-ବଳରାମଙ୍କ ମଥୁରାରେ ପ୍ରବେଶ
- ଖଜୁରଟିକ୍ରା ଆଦିମାତା ମନ୍ଦିରରେ ବିଶ୍ରାମ
- କୃଷ୍ଣ-ବଳରାମଙ୍କ ବିଦାୟ ଉତ୍ସବ

## ଦଶମ ଦିବସ



- କଂସର ସ୍ୱପ୍ନ,
- କୃଷ୍ଣ-ବଳରାମଙ୍କ ସୁଦାମା ମାଳି ସହ ସାକ୍ଷାତ, କାଳୀ ମନ୍ଦିରରେ କୁବୁଜା ଉଦ୍ଧାର,
- କୃଷ୍ଣ-ବଳରାମଙ୍କ ନଗର ଭ୍ରମଣ ଏବଂ ବୃନ୍ଦାବନ ଗୃହେ ବିଶ୍ରାମ


## ଏକାଦଶ ତମ ଦିବସ



- କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ
- କୁବଳୟା ଓ ଅଷ୍ଟମଲ୍ଲ ବଧ
- ଶିବଧନୁ ଭଗ୍ନ
- କଂସ ବଧ
- ଉଗ୍ରସେନଙ୍କ ରାଜ୍ୟାଭିଷେକ ଏବଂ ଉଦ୍‌ଯାପନୀ ଉତ୍ସବ


# ପ୍ରମୁଖ ଚରିତ୍ର ଗଣ

ଏହି ଉତ୍ସବରେ ଅସାଧାରଣ ଚରିତ୍ରଗୁଡ଼ିକ ଐତିହାସିକ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ :




### କଂସ :

କଂସ କୃରତା ଓ ଅଧିକାରୀତ୍ୱର ପ୍ରତୀକ ।
ତାଙ୍କର ଭୂମିକା ଦର୍ଶକକୁ ମାନବ ସଂସାରରେ ଦୁଷ୍ଟ ଶକ୍ତିର ପ୍ରଭାବକୁ ସୂଚିତ କରେ ।



### ଶ୍ରୀକୃଷ୍ଣ, ବଳରାମ :


ଶ୍ରୀକୃଷ୍ଣ ଏବଂ ବଳରାମ ଦେବତ୍ୱର ପ୍ରତୀକ ଯିଏ ଜୀବନରେ ସତ୍ୟ ଓ ଧର୍ମର ଗତିପଥ ଦେଖାନ୍ତି ।



### ବସୁଦେବ ଓ ଦେବକୀ :


ସ୍ନେହ, ପ୍ରେମ ଓ ସହନଶୀଳତାର ପ୍ରତୀକ ।

# ବରଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ :




## ନୃସିଂହନାଥ ମନ୍ଦିର :

ପ୍ରାଚୀନ ମନ୍ଦିର ଭାବରେ ପର୍ଯ୍ୟଟକମାନଙ୍କ ପାଇଁ ଏକ ଦୁର୍ବାର ଆକର୍ଷଣ ।
ପ୍ରତ୍ୟକ୍ଷ ଠାକୁର ତଥା ଅସାଧାରଣ କାରୁକାର୍ଯ୍ୟ ଓ ଐତିହାସିକ ପୃଷ୍ଠଭୂମି ପାଇଁ ପ୍ରସିଦ୍ଧ ।



## ଗନ୍ଧମାର୍ଦ୍ଦନ ପର୍ବତ :

ନିଜର ପୌରାଣିକ ପୃଷ୍ଠଭୂମି ତଥା ଔଷଧୀୟ ବୃକ୍ଷରାଜି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ।



## ମୁଚଲିନ୍ଦ ବୌଦ୍ଧ ବିହାର

ଗନିଆପାଲି ସ୍ଥିତ ପ୍ରସିଦ୍ଧ ବୌଦ୍ଧ ପୀଠ ଐତିହ୍ୟ ଏବଂ ପ୍ରତ୍ନତତ୍ତ୍ୱ ଗୌରବ ବହନ କରେ ।



## ଦେବଦର୍ହା :

ପଦମ୍ପୁର ସନ୍ନିକଟ ଏକ ସୁନ୍ଦର ତଥା ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ



## ଡେବ୍ରୀଗଡ଼ ଅଭୟାରଣ୍ୟ :

ଜୈବ ବିବିଧତା ଭରା ଏକ ଅନନ୍ୟ ପ୍ରାକୃତିକ ସମ୍ପଦ ।
ବନରାଜି, ବନ୍ୟଜନ୍ତୁ ମାନଙ୍କ ଅପୂର୍ବ ସମାଗମ ।
ଜଳପ୍ରପାତ ଏବଂ ଗୁମ୍ଫା ମାନଙ୍କ ସମାବେଶ ଦର୍ଶକଙ୍କ ମନମୁଗ୍ଧ କରେ ।

# ବରଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ :




## ବାରବଖରା :

ମହାନ ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ରସାଏଙ୍କ ପେଣ୍ଠ ସ୍ଥଳ ଏବଂ ସୁନ୍ଦର ଝରଣା, ପ୍ରାକୃତିକ ସୌନ୍ଦର୍ଯ୍ୟର ସମାହାର ।




## ଷଡ଼ ଶମ୍ଭୁ :

ଅମ୍ଭାଭୋନାର କେଦାରନାଥ, ଦେଓଗାଁର ବୈଦ୍ୟନାଥ, ଗାଇଷିମାର ବାଲୁଙ୍କେଶ୍ୱର, ଶୋର୍ନାର ସ୍ୱପ୍ନେଶ୍ୱର, ଶରଣ୍ଡାର ବିଶ୍ୱେଶ୍ୱର ଓ ନୀଳଜିର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଚୀନ ଶୈବ ପୀଠ ତଥା ଷଡ଼ ଶମ୍ଭୁ ଭାବେ ପୂଜିତ ।



## ପପଙ୍ଗା ପାହାଡ଼ :

ଦୀର୍ଘ ୪୦୦ ଫୁଟ ଉଚ୍ଚ ପପଙ୍ଗା ପାହାଡ ଜିଲ୍ଲାର ଅନ୍ୟତମ ଆକର୍ଷଣ ।



## ହସ୍ତତନ୍ତର କେନ୍ଦ୍ରବିନ୍ଦୁ :

ହସ୍ତତନ୍ତ ଏବଂ ବୁଣାକାର ମାନଙ୍କର ହସ୍ତତନ୍ତ କାରିଗରୀ ପାଇଁ ବରଗଡ଼ ଜିଲ୍ଲା ପ୍ରସିଦ୍ଧ ।

# ଧନୁଯାତ୍ରାର ବାର୍ତ୍ତା :

ଧନୁଯାତ୍ରା ଆମକୁ ସମାଜକୁ ଏହି ବାର୍ତ୍ତା ପ୍ରେରଣ କରେ :

## ନୀତିର ଆବଶ୍ୟକତା :

ମାନବ ଜୀବନରେ ସତ୍ୟ ଓ ନୀତିର ଆବଶ୍ୟକତା ରହିଅଛି ।

## ସଂସ୍କୃତିର ସମ୍ବଳ :

ଏହି ଉତ୍ସବ ଏକତା ଏବଂ ସାଂସ୍କୃତିକ ଭାବଧାରା ଉଜ୍ଜିବୀତ କରେ ।

## ଦୁଷ୍ଟତାର ପରାଜୟ :

 କଂସ ବଧ ଦୁଷ୍ଟ ଶକ୍ତିକୁ ପରାଜୟ କରି ସତ୍ୟ ଏବଂ
ନୀତି ନିଷ୍ଠ ଜୀବନରେ ବଞ୍ଚିବା ପାଇଁ ପ୍ରେରଣା ଯୋଗାଏ ।





# ଧନୁଯାତ୍ରାର ପ୍ରମୁଖ ଦୃଶ୍ୟମାନ
















# ଧନୁଯାତ୍ରାର ପ୍ରମୁଖ ଦୃଶ୍ୟମାନ









# ଧନୁଯାତ୍ରାର ପ୍ରମୁଖ ଦୃଶ୍ୟମାନ
















ଆୟୋଜକ :

**ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼**